## ସଂକ୍ଷେପରେ

ଫୁଟ୍ ଓଭରବ୍ରିଜ୍ ଭଙ୍ଗା ଘଟଣା

### ଷ୍ଟେଶନ ମାଷ୍ଟରଙ୍କ ସମେତ ୨ ନିଲମ୍ବିତ

**ସୋର, ୮।୧୦(ଡି.ଏନ.ଏ.):** ସୋର ଷ୍ଟେଶନ ଡାଉନଲାଇନ୍‌ରେ ଥିବା ୨ ନଂ. ପ୍ଲାଟ୍‌ଫର୍ମର ଫୁଟ୍ ଓଭରବ୍ରିଜ୍ ଏକ ମାଲବୋଝେଇ ଟ୍ରେନ୍ ଧକ୍କାରେ ଭାଙ୍ଗିଯାଇଥିଲା। ରେଳ ଉଚ୍ଚ କର୍ତ୍ତୃପକ୍ଷ ଏହାର ତଦନ୍ତ କରି କାର୍ଯ୍ୟରେ ଅବହେଳା ପାଇଁ ଷ୍ଟେଶନ ମାଷ୍ଟର ଉମେଶ କୁମାର ସିଂ ଓ ପଏଣ୍ଟମ୍ୟାନ୍ ପ୍ରଶାନ୍ତ କୁମାର ନାୟକଙ୍କୁ ନିଲମ୍ବନ କରିଛନ୍ତି।

### ସୋର ଉପକାରାଗାରରେ ଗୋଷ୍ଠୀ ସଂକ୍ରମଣ : ୬୫ ସଂକ୍ରମିତ

**ସୋର, ୮।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର ଉପକାରାଗାରରେ ଥିବା ଅନ୍ତେବାସୀ ଓ କର୍ମଚାରୀଙ୍କ ସମେତ ୧୨୫ଜଣଙ୍କର ଆଣ୍ଟିଜେନ୍ କୋଭିଡ୍ ଟେଷ୍ଟ ହୋଇଥିଲା। ସେମାନଙ୍କ ମଧ୍ୟରୁ ୬୫ଜଣ କରୋନାରେ ଆକ୍ରାନ୍ତ ଥିବା ଜଣାପଡିଛି। ଗତମାସ ୨୯ତାରିଖ ଟେଷ୍ଟରେ ଜଣେ ସଂକ୍ରମିତ ଥିବା ବେଳେ ଗତ ୧ତାରିଖ ଟେଷ୍ଟରେ ୯ଜଣ ଆକ୍ରାନ୍ତ ଥିବା ଜଣାପଡିଥିଲା। ବୁଧବାର ଟେଷ୍ଟରେ ୬୧ଜଣ କଏଦୀ ଓ ୪ଜଣ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟ ଆକ୍ରାନ୍ତ ଥିବା ଜଣାପଡିବା ପରେ ଗୋଷ୍ଠୀ ସଂକ୍ରମଣ ହୋଇଥିବା ସ୍ପଷ୍ଟ ହୋଇଛି। ଏହି ଜେଲ ପରିସରରେ ଥିବା ୪ଟି ୱାର୍ଡକୁ ଆଇସୋଲେଶନ୍ ସେଣ୍ଟର ଭାବେ ବ୍ୟବହାର କରାଯାଇ ସମସ୍ତ ଆକ୍ରାନ୍ତଙ୍କୁ ରଖାଯାଇଛି ବୋଲି ସବ୍‌ଜେଲର ଅଜୟ କୁମାର ଗୁରୁ କହିଛନ୍ତି।

### ଗୋରୁ ବୋଝେଇ ଗାଡ଼ି ଦୁର୍ଘଟଣାଗ୍ରସ୍ତ

**ଭଦ୍ରକ ଅଫିସ, ୮।୧୦:** ଭଦ୍ରକ ଜିଲା ୧୬ ନଂ. ଜାତୀୟ ରାଜପଥ ତ୍ରିଶଳପୁର ଛକ ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ ଗୋରୁ ବୋଝେଇ ପିକଅପ୍ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ୫ରୁ ଊର୍ଦ୍ଧ୍ୱ ଗୋରୁଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ କିଛି ଗୋରୁ ଗୁରୁତର ଆହତ ହୋଇଥିଲେ। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିବା ଜଣାପଡ଼ିଛି। ବାଲେଶ୍ୱର ଆଡୁ ଗୋରୁ ବୋଝେଇ ହୋଇ ପିକଅପ୍ ଭ୍ୟାନ୍‌ଟି ଭଦ୍ରକ ଆସୁଥିବା ବେଳେ ତ୍ରିଶଳପୁର ଛକ ନିକଟରେ ଆଗଚକା ଫାଟି ଯିବାରୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଗ୍ରାମାଞ୍ଚଳ ଥାନା ପୋଲିସ ପହଞ୍ଚି ଆହତ ଗୋରୁଙ୍କୁ ଉଦ୍ଧାର କରିବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜାତୀୟ ରାଜପଥରୁ ହଟାଇଥିଲା।

ରାଜପଥରୁ ୧୦ ଗୋରୁ ଉଦ୍ଧାର

### ଭ୍ୟାନ୍ ଜବତ, ଡ୍ରାଇଭର ଗିରଫ

**ରୂପ୍‌ସା, ୮।୧୦(ଡି.ଏନ.ଏ.):** ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥର ସଦର ଥାନା ହଳଦୀପଦା ଫାଣ୍ଡି ଅନ୍ତର୍ଗତ ନିଧିପଣ୍ଡା ଛକଠାରେ ବୁଧବାର ବିଳମ୍ବିତ ରାତିରେ ପୋଲିସ ଚଢ଼ାଉ କରି ଏକ ଗୋରୁ ବୋଝେଇ ପିକଅପ ଭ୍ୟାନ୍‌କୁ ଜବତ କରିଛି। ଏହି ଭ୍ୟାନ୍‌ରେ ଥିବା ୧୦ ଗୋରୁକୁ ଉଦ୍ଧାର କରାଯାଇଛି। ଭ୍ୟାନ୍ (ନଂ. ଓଆର୦୧ଏଇ-୫୦୯୦)ରେ ୧୦ଟି ଗୋରୁକୁ ବାଲେଶ୍ୱରରୁ ନେଇ ଜଣେ ବ୍ୟବସାୟୀ ବସ୍ତା ଅଭିମୁଖେ ଯାଉଥିଲେ। ଫାଣ୍ଡି ଅଧିକାରୀ ବଦ୍ରିଶଙ୍କର ଷଣ୍ଢ ରାତି ପାଟ୍ରୋଲିଂ ବେଳେ ସଦଳବେଳେ ଚଢ଼ାଉ କରି ଭ୍ୟାନ୍‌କୁ ଜବତ କରିବା ସହ ଡ୍ରାଇଭର ସଦର ଥାନା ଅସ୍ତିଆ ଗ୍ରାମର ସେକ ରାଜୁ ମହମ୍ମଦଙ୍କୁ ଗିରଫ କରିଥିଲେ। ଏନେଇ ଥାନାରେ ଏକ ମାମଲା (ନଂ. ୨୭୫/୨୦) ରୁଜୁ ହୋଇ ଗିରଫ ଡ୍ରାଇଭରଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି।

### ପ୍ରାର୍ଥୀପତ୍ର ଦାଖଲ ଲାଗି ବିଜ୍ଞପ୍ତି ଆଜି

# ଫୋକସ୍‌ରେ ପୌରାଞ୍ଚଳ

**ବାଲେଶ୍ୱର ସଦର ଉପ-ନିର୍ବାଚନ**

**ବାଲେଶ୍ୱର ଅଫିସ, ୮।୧୦**

ବାଲେଶ୍ୱର ଜିଲା ୩୮ ନଂ. ସଦର ନିର୍ବାଚନମଣ୍ଡଳୀର ଉପ-ନିର୍ବାଚନ ପାଇଁ ଶୁକ୍ରବାର ପ୍ରାର୍ଥୀପତ୍ର ଦାଖଲ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇବ। ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ ସମୟ ସୀମା ଧାର୍ଯ୍ୟ କରାଯାଇଛି। ଏବେଠୁ ଏଠାକାର ରାଜନୈତିକ ମାହୋଲ ସରଗରମ ହେବାରେ ଲାଗିଛି। ବିଭିନ୍ନ ଦଳର ଆଶାୟୀ ପ୍ରାର୍ଥୀ ଭୋଟରମାନଙ୍କୁ ନିଜ ସପକ୍ଷରେ ମନାଇବା ଲାଗି ପ୍ରୟାସ ଆରମ୍ଭ କରିଛନ୍ତି। ସଦର ବ୍ଲକର ୨୭ ପଞ୍ଚାୟତ ଓ ପୌରାଞ୍ଚଳକୁ ନେଇ ଗଠିତ ସଦର ନିର୍ବାଚନମଣ୍ଡଳୀର ଭୋଟର ସଂଖ୍ୟା ୨ଲକ୍ଷ ୨୬ହଜାର ୫୮୨ ଜଣ। କେବଳ ପୌରାଞ୍ଚଳରେ ୧ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ଥିବାରୁ ସବୁ ଦଳୀୟ ନେତାଙ୍କର ଫୋକସରେ ରହିଛି ପୌରାଞ୍ଚଳ।

ଏଯାଏ କୌଣସି ଦଳ ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହିଁ। କେତେକ ନେତା ଦଳ ବଦଳ କରୁଥିବା ବେଳେ ଦଳର ସାମୂହିକ ଶକ୍ତି ବୃଦ୍ଧି ପାଇଁ ମିଶ୍ରଣ ପର୍ବ ଜୋର୍ ଧରିଛି। ଯଦିଓ ବିଜେଡିରୁ ସମାଜସେବୀ ସୁବାସିନୀ ଜେନା, ଭାଜପାରୁ ମାନସ ଦତ୍ତ ଓ କଂଗ୍ରେସରୁ ପୂର୍ବତନ ଜିଲା ସମ୍ପାଦକ ବିକ୍ରମ ପଣ୍ଡାଙ୍କ ନାମ ଚର୍ଚ୍ଚା ହେଉଛି। ଏହି ତିନି ଦଳର ପ୍ରାର୍ଥୀଙ୍କ ନାମ ଘୋଷଣା ପରେ ଏଠାକାର ରାଜନୈତିକ ପାଣିପାଗ ଭିନ୍ନ ପ୍ରକାର ହେବା ନେଇ ରାଜନୀତି ବିଶେଷଜ୍ଞ ଆକଳନ କରୁଛନ୍ତି। ବିଜେଡିରେ ଅସନ୍ତୋଷ, ଭାଜପାର ଗୋଷ୍ଠୀ କନ୍ଦଳ ଏବଂ କଂଗ୍ରେସର ପ୍ରାର୍ଥୀ ଚୟନରେ ଦ୍ୱନ୍ଦ୍ୱ ଦଳ ପାଇଁ ସମସ୍ୟା ଠିଆ କରାଇପାରେ। ତେବେ ଏହି ନିର୍ବାଚନମଣ୍ଡଳୀର ସହର ଏବଂ ଗ୍ରାମାଞ୍ଚଳରେ ସମାନ ଭୋଟ ଥିବାରୁ ପୌରାଞ୍ଚଳର ଭୋଟରଙ୍କ ଉପରେ ନେତାଙ୍କ ଫୋକସ୍ ରହିଛି। ସଦର ବ୍ଲକରେ ୨୭ ପଞ୍ଚାୟତ ମଧ୍ୟରୁ ବିଜେଡିର ୧୩ ସରପଞ୍ଚ, ୧୫ ସମିତିସଭ୍ୟ, ଭାଜପାର ୮ ସରପଞ୍ଚ, ୮ ସମିତିସଭ୍ୟ ଏବଂ କଂଗ୍ରେସର ୫ ସରପଞ୍ଚ, ୩ ସମିତିସଭ୍ୟ ରହିଛନ୍ତି। ସେହିପରି ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ୩ଟି ଜିଲାପରିଷଦ ଅଞ୍ଚଳ ମଧ୍ୟରୁ ଉଭୟ ଭାଜପା ଓ ବିଜେଡିର ପ୍ରଭାବ ରହିଛି। ଗତ ପଞ୍ଚାୟତ ନିର୍ବାଚନ ପରେ ବିଜେଡି ବ୍ଲକ ଅଧ୍ୟକ୍ଷ ଗଠନ କରିଥିଲା। ବ୍ଲକ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଭାଜପାରେ ଯୋଗଦେବା ପରେ ଭାଜପାର ଶକ୍ତି ବୃଦ୍ଧି ହେବାନେଇ ଦଳୀୟ କର୍ମୀଙ୍କଠାରୁ ଶୁଣିବାକୁ ମିଳୁଛି। ଅପରପକ୍ଷରେ ବର୍ଷିୟାନ ନେତା ତଥା ୫ ଥର ବିଧାୟକ ହୋଇଥିବା ଅରୁଣ ଦେ ବିଜେଡିରେ ଯୋଗ ଦେବା ପରେ ବିଜେଡି ପାଇଁ ଭଲ ସଙ୍କେତ ବୋଲି ଦଳୀୟ ଲୋକେ କହିବା ଆରମ୍ଭ କଲେଣି। ତେବେ ଗତ ବିଧାନସଭା ନିର୍ବାଚନରେ ପୌରାଞ୍ଚଳରୁ ବିଜେଡି ଆଶାନୁରୂପ ଭୋଟ ନ ପାଇଥିବାରୁ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ୧୨ହଜାରରୁ ଊର୍ଦ୍ଧ୍ୱ ଭୋଟ୍‌ରେ ଭାଜପାର ସ୍ୱର୍ଗତ ବିଧାୟକ ମଦନ ମୋହନ ଦତ୍ତଙ୍କଠାରୁ ପରାଜୟ ବରଣ କରିଥିଲେ। ଯଦି ଚଳିତ ଉପନିର୍ବାଚନରେ ଭୋଟରମାନେ ବିଜେଡିଠାରୁ ମୁହଁ ଫେରାଇ ନିଅନ୍ତି ତା'ହେଲେ ଏହା ଦଳ ପାଇଁ ମହଙ୍ଗା ପଡ଼ିବ ବୋଲି ରାଜନୈତିକ ବିଶେଷଜ୍ଞଙ୍କ ମତପୋଷଣ କରୁଛନ୍ତି। ଏହାକୁ ସଜାଡ଼ିବା ପାଇଁ ବିଜେଡିର ଆଶାୟୀ ପ୍ରାର୍ଥୀମାନେ ସହରରେ ଥିବା ବିଭିନ୍ନ ବସ୍ତି, କଲୋନୀ, କ୍ଲବ ଓ ସାମୂହିକ ସଙ୍ଗଠନ ସହ ଯୋଗସୂତ୍ର ରକ୍ଷା କରୁଥିବା ଦେଖିବାକୁ ମିଳିଛି।

## ଭାଜପାରେ ମିଶିଲେ ବ୍ଲକ ଅଧ୍ୟକ୍ଷ



ମିଶ୍ରଣ ପର୍ବରେ ସାମିଲ ହୋଇଥିବା ବ୍ଲକ ଅଧ୍ୟକ୍ଷ ଓ ଅନ୍ୟମାନେ।

**ବାଲେଶ୍ୱର ଅଫିସ, ୮।୧୦**

ବାଲେଶ୍ୱର ଉପନିର୍ବାଚନ ଯେତେ ପାଖେଇ ଆସୁଛି ନେତା ଓ କର୍ମୀମାନଙ୍କ ଦଳ ଅଦଳବଦଳ ନିର୍ବାଚନ ମାହୋଲକୁ ସରଗରମ କରୁଛି। ମୁଖ୍ୟତଃ ବିଜେଡି ଓ ଭାଜପାର ନେତୃବର୍ଗମାନେ ମିଶ୍ରଣ କାର୍ଯ୍ୟ ଜୋରଦାର କରୁଛନ୍ତି। ସଦର ବ୍ଲକ ଅଧ୍ୟକ୍ଷ ନାରାୟଣ ପ୍ରଧାନ ବିଜେଡି ଛାଡି ଭାଜପାରେ ସାମିଲ ହେବା ସଦର ନିର୍ବାଚନମଣ୍ଡଳୀରେ ଚର୍ଚ୍ଚାର ବିଷୟ ହୋଇଛି। ଭାଜପା ପକ୍ଷରୁ ଏକ ଘରୋଇ କଲ୍ୟାଣ ମଣ୍ଡପରେ ଆୟୋଜିତ ମିଶ୍ରଣ ପର୍ବରେ ସଦର ବ୍ଲକ ଅଧ୍ୟକ୍ଷ ପ୍ରଧାନ ଯୋଗଦେଇଛନ୍ତି। ପ୍ରଧାନ ବ୍ଲକ ଅଧ୍ୟକ୍ଷ ଥିବାରୁ ସଦର ବ୍ଲକର ବିଭିନ୍ନ ପଞ୍ଚାୟତରେ ନିଜର ପତିଆରା ରହିଛି। ଏହାକୁ ନେଇ ଭାଜପାର ଉପନିର୍ବାଚନରେ ନିଶ୍ଚିତ ଫାଇଦା ଉଠାଇବ ବୋଲି ଦଳୀୟ ନେତାମାନେ ଆଶାପୋଷଣ କରିଛନ୍ତି। ଆୟୋଜିତ ମିଶ୍ରଣ ପର୍ବରେ ଭିଡ଼ିଓ କନ୍‌ଫରେନ୍ସ ଯୋଗେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଯୋଗଦେଇଥିବା ବେଳେ ମୟୂରଭଞ୍ଜ ଏମ୍‌ପି ତଥା ଭାଜପା ରାଷ୍ଟ୍ରୀୟ ସମ୍ପାଦକ ବିଶେଶ୍ୱର ଟୁଡୁ, ଜିଲାସଭାପତି ଉମାକାନ୍ତ ମହାପାତ୍ର, ସଦର ନିର୍ବାଚନମଣ୍ଡଳୀ ସଂଯୋଜକ ମାନସ ଦତ୍ତ, ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ରେମୁଣା ପୂର୍ବତନ ବିଧାୟକ ଗୋବିନ୍ଦ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଜୟ ମିଶ୍ର, ସଦର ନିର୍ବାଚନମଣ୍ଡଳୀର ପ୍ରଭାରୀ ଚନ୍ଦ୍ରଶେଖର ନନ୍ଦ, ଜିଲା ପ୍ରଭାରୀ ଗୋଲକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଅନ୍‌ଲାଇନ ପରୀକ୍ଷା ଦାବିରେ ବିକ୍ଷୋଭ



କଲେଜ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

**ବାରିପଦା ଅଫିସ,୮।୧୦**

ଅଫ୍‌ଲାଇନ୍ ପରୀକ୍ଷାକୁ ବିରୋଧ କରି ବାରିପଦା ମୁର୍ଗାବାଡ଼ିସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ କଲେଜ ସମ୍ମୁଖରେ ୧ମ ଓ ୨ୟ ବର୍ଷର ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦୀର୍ଘଦିନ ଧରି ଅନ୍‌ଲାଇନ ଯୋଗେ ପାଠପଢ଼ା ହେଉଥିବା ବେଳେ ଶିକ୍ଷା ବିଭାଗ ପକ୍ଷରୁ ଅଫ୍‌ଲାଇନ ପରୀକ୍ଷା କରାଯିବାକୁ ଘୋଷଣା କରାଯାଇଥିବାରୁ ଏହାକୁ ଛାତ୍ରୀଛାତ୍ରମାନେ ବିରୋଧ କରିଛନ୍ତି। ଦୂର ଦୂରାନ୍ତରୁ ଆସୁଥିବା ଛାତ୍ରୀଛାତ୍ରଙ୍କଠାରୁ କରୋନା ସଂକ୍ରମଣ ବ୍ୟାପିବାର ଆଶଙ୍କା ରହୁଥିବାରୁ ଅନ୍‌ଲାଇନ ଯୋଗେ ପରୀକ୍ଷା କରିବାକୁ ସେମାନେ ଦାବି କରିଛନ୍ତି। ଜିଲା ତଥା ବାହାର ଜିଲାରୁ ଆସି କଲେଜରେ ପାଠପଢୁଥିବା ଛାତ୍ରୀଛାତ୍ରମାନେ କେଉଁଠି ରହି ପରୀକ୍ଷା ଦେବେ ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। ନଭେମ୍ବରରେ ହେବାକୁ ଥିବା ଏହି ପରୀକ୍ଷା ଅନ୍‌ଲାଇନ ଯୋଗେ କରା ନ ଗଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଛାତ୍ରୀଛାତ୍ର ଚେତାବନୀ ଦେଇଛନ୍ତି । ଅଫ୍‌ଲାଇନ ପରୀକ୍ଷାରେ ଛାତ୍ରୀଛାତ୍ରମାନଙ୍କ କୌଣସି ଅସୁବିଧା ଉପୁଜିଲେ ସରକାର ଏଥିପ୍ରତି ଦାୟୀ ରହିବେ ବୋଲି ଛାତ୍ରୀ ପୁଷ୍ପାଞ୍ଜଳି ପାତ୍ର, ବୀରେନ୍ଦ୍ର ସାହୁ ପ୍ରମୁଖ ପ୍ରକାଶ କରିଛନ୍ତି।

## ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ବାରିପଦା ଅଫିସ,୮।୧୦**

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ପୂର୍ଣ୍ଣଚନ୍ଦ୍ରପୁର ପଞ୍ଚାୟତ ନରଣପୁର ଗ୍ରାମର ଜଣେ ମହିଳାଙ୍କୁ ହତ୍ୟା ମାମଲାର ବିଚାରକରି ଜିଲା ଓ ଦୌରାଜଜ ସଞ୍ଜୟ ରଞ୍ଜନ ବହିଦାର ଦୋଷୀଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଏଥି ସହ ୧୦ ହଜାର ଟଙ୍କା ଜରିମାନା ଆଦାୟ ପାଇଁ ରାୟରେ କୁହାଯାଇଛି। ଅଭିଯୁକ୍ତ ହେଲେ ରୁହ୍ୟା ହାଁସଦା (୪୧)। ୨୦୧୭ରେ ନରଣପୁର ଗ୍ରାମର ଦୁଲାରୀ ମାଝୀଙ୍କୁ ହତ୍ୟା କରାଯାଇଥିବା ନେଇ ବଡ଼ସାହି ଥାନାରେ ଏକ ମାମଲା(ନଂ. ୯/୧୭) ରୁଜୁ ହୋଇଥିଲା । ତଦନ୍ତକାରୀ ଅଫିସର ମଞ୍ଜୁଲତା ଧଡା ଅଭିଯୁକ୍ତ ରୁହ୍ୟାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ।

## ବିଜେଡିର ଜନସଚେତନତା

**ଭଣ୍ଡାରିପୋଖରୀ, ୮।୧୦ (ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ବିଭିନ୍ନ ଗ୍ରାମରେ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଦକ୍ଷିଣବାଡ଼ ପଞ୍ଚାୟତର ସୁନାହାର ଓ କହରାପୋଖରୀ ଠାରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରାଣୀତକାନ୍ତ ସାମଲଙ୍କ ତତ୍ତ୍ୱାବଧାନରେ କର୍ମୀମାନେ କରୋନା ସମ୍ପର୍କରେ ସଚେତନତା ବାର୍ତ୍ତା ସୂଚିପତ୍ର ବଣ୍ଟନ କରିବା ସହ ସମସ୍ତଙ୍କୁ ମାସ୍କ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ସତ୍ୟାନନ୍ଦ ମହାପାତ୍ର, ରାଜେଶ ବାରିକ, ହେମନ୍ତ ଜେନା, ଦେବବ୍ରତ ଜେନା ପ୍ରମୁଖ ସାମିଲ ଥିଲେ।

## ନଦୀରେ ବୁଡ଼ି ନାବାଳକ ମୃତ

**ଖଇରା, ୮।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ବରଦା ଗ୍ରାମ ନିକଟରେ ସାଳନ୍ଦୀ ନଦୀରେ ଗାଧୋଇବାକୁ ଯାଇ ଜଣେ ନାବାଳକ ପ୍ରାଣ ହରାଇଛନ୍ତି। ନାବାଳକଙ୍କ ନାମ ଇକ୍ବ୍ୟାଲ(୧୬)। ତାଙ୍କ ଘର ଭଦ୍ରକ ଇଛାପୁର ଅଞ୍ଚଳରେ। ଗୁରୁବାର ପୂର୍ବାହ୍ନରେ ସେ ଅନ୍ୟ ୩ ସାଙ୍ଗଙ୍କ ସହ ବରଦାଠାରେ ଥିବା ମଝାର ଦେଖିବାକୁ ଆସିଥିଲେ। ପରେ ସେମାନେ ସାଙ୍ଗ ହୋଇ ନଦୀକୁ ଗାଧୋଇବାକୁ ଯାଇଥିଲେ । ଇକ୍ବ୍ୟାଲ ନଦୀସ୍ରୋତରେ ଭାସି ଯାଇଥିଲେ । ଗ୍ରାମର କେତେଜଣ ଯୁବକ ଖୋଜାଖୋଜି କରି ଅପରାହ୍ନରେ ଶବ ଉଦ୍ଧାର କରିଥିଲେ ।

## ଅବକାରୀ ଚଢ଼ାଉ

**ଝୁମ୍ପୁରା,୮।୧୦(ଡି.ଏନ.ଏ.):** କେନ୍ଦୁଝର ଜିଲା ଝୁମ୍ପୁରା ପଞ୍ଚାୟତ ଶ୍ରୀରାମପୁର ଗ୍ରାମର ନାଳ ପାଖରେ ଦେଶୀ ମହୁଲୀ ମଦ ରନ୍ଧା ହେଉଥିବା ଝୁମ୍ପୁରା ଅବକାରୀ ବିଭାଗ ଖବର ପାଇ ବୁଧବାର ସେଠାରେ ଅତର୍କିତ ଚଢାଉ କରିଥିଲେ। ଅଭିଯୁକ୍ତମାନେ ସେଠାରୁ ଖସି ପଳାଇଯାଇଥିଲେ। ଅବକାରୀ ବିଭାଗ ୪ଟି ଚୁଲା ନଷ୍ଟ କରିବା ସହିତ ୮ କୁଇଣ୍ଟାଲ ମହୁଲ ପୋଚ ନଷ୍ଟ କରିଛନ୍ତି। ତେବେ କାହାରିକୁ ଗିରଫ କରାଯାଇନାହିଁ।

**ODISHA JOINT ENTRANCE EXAMINATION - 2020 [ OJEE - 2020 ]**

**NOTICE REGARDING WEB COUNSELLING**

**No: OJEE/295** **Date: 08.10.2020**

**NOTICE**

OJEE web-based Counselling process for **B.TECH/ B.ARCH/ Int. MSc** is going to start from **12th October 2020.** For detailed schedule, seat position and counselling brochure, please go through OJEE website **www.ojee.nic.in/ www.odishajee.com.** Schedules for other courses will be published soon.

**Sd/-**
**CHAIRMAN, OJEE, ODISHA**

## ବ୍ୟାଙ୍କରେ ବୃଦ୍ଧାଙ୍କୁ ଆକ୍ରମଣ ଅଭିଯୋଗ

**ଭଦ୍ରକ ଅଫିସ,୮।୧୦**



ଖବରଦାତା ସମ୍ମିଳନୀରେ ବିଧାୟକ ବିଷ୍ଣୁ ସେଠୀ ଓ ଅନ୍ୟମାନେ।

ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଋଣ ଦିଆଯାଇ ସ୍ୱାବଲମ୍ବୀ କରିବା ପାଇଁ ସରକାରୀସ୍ତରରେ ଗୁରୁତ୍ୱ ଦିଆଯାଉଛି। ହେଲେ ଭଦ୍ରକ ସହରର ଏକ ବ୍ୟାଙ୍କକୁ ଋଣ ମାଗିବାକୁ ଯାଇଥିବା ଜଣେ ମହିଳାଙ୍କୁ ବ୍ୟାଙ୍କ କର୍ମଚାରୀ ମାଡ଼ ମାରି ଦାନ୍ତ ଭାଙ୍ଗି ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଘଟଣାର ୭୨ ଘଣ୍ଟା ବିତିଯାଇଥିଲେ ମଧ୍ୟ ପୋଲିସ କୌଣସି ପଦକ୍ଷେପ ନେଇ ନ ଥିବା ବିଧାୟକ ତଥା ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ଯଦି ଉପଯୁକ୍ତ ପଦକ୍ଷେପ ନିଆ ନ ଯାଏ ତେବେ ଭାଜପା ରାଜରାସ୍ତାକୁ ଓହ୍ଲାଇବ ବୋଲି ବିଧାୟକ ସେଠୀ ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ତିହିଡ଼ି ବ୍ଲକ ଅଚକ ପଞ୍ଚାୟତ ନନ୍ଦପୁର ଗାଁର ମା' ସରସ୍ୱତୀ ସ୍ୱୟଂ ସହାୟିକା ଗୋଷ୍ଠୀର ମଞ୍ଜୁଲତା ନାଥଙ୍କ ସମେତ ତାଙ୍କ ଗ୍ରୁପର ସଦସ୍ୟାମାନେ ଉକ୍ତ ବ୍ୟାଙ୍କକୁ ଋଣ କିସ୍ତି ଦେବାକୁ ଆସିଥିଲେ। ହେଲେ ଉପଯୁକ୍ତ ସମୟରେ ଋଣ ପରିଶୋଧ ନ କରି ମାତ୍ର ୧୦ ଦିନ ବିଳମ୍ବ ହୋଇଥିବାରୁ ବ୍ୟାଙ୍କ କର୍ତ୍ତୃପକ୍ଷ ସେମାନଙ୍କୁ ଜରିମାନା ଦେବାକୁ କହିଥିଲେ। ମହିଳା ଗ୍ରୁପ୍‌ର ସଦସ୍ୟାମାନେ ଜରିମାନା ସହ ଋଣ ପରିଶୋଧ କରିଥିଲେ। ଋଣ ପରିଶୋଧ ପରେ ମହିଳାମାନେ ପୁନଃ ଋଣ ପାଇଁ ଆବେଦନ କରିଥିଲେ। ଏହି ଘଟଣାକୁ କେନ୍ଦ୍ର କରି ବ୍ୟାଙ୍କ ମ୍ୟାନେଜର୍‌ଙ୍କ ସହ ମହିଳାମାନଙ୍କ ଉଚ୍ଚବାଚ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ବ୍ୟାଙ୍କ ମ୍ୟାନେଜର୍ ସିକ୍ୟୁରିଟିକୁ ଡକାଇଥିଲେ। ସିକ୍ୟୁରିଟି ମଞ୍ଜୁଲତାଙ୍କୁ ଏକ ବିଧା ମାରିଥିଲେ। ଫଳରେ ତାଙ୍କ ଦାନ୍ତ ଭାଙ୍ଗିବା ସହ ଅନ୍ୟ ଜଣେ ମହିଳା ମଧ୍ୟ କ୍ଷତାକ୍ତ ହୋଇଥିଲେ। ଏନେଇ ମଞ୍ଜୁଲତା ଟାଉନ ଥାନାରେ ଏତଲା ଦେଇଥିଲେ।

## ବଦଳି ବାତିଲ ଦାବିରେ ଧାରଣା

**ଭଦ୍ରକ ଅଫିସ, ୮।୧୦**




ଧାରଣାରେ ବସିଥିବା ଗ୍ରାମବାସୀ।

ଭଦ୍ରକ ବ୍ଲକ ଅର୍ଣ୍ଣପାଳ ପଞ୍ଚାୟତ ଭକ୍ତିବ୍ରହ୍ମପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ବଦଳି ବାତିଲ ଦାବିରେ ଗୁରୁବାର ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ବଦଳି ଆଦେଶକୁ ବାତିଲ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳ, ଜିଲା ଶିକ୍ଷାଧିକାରୀ, ଆରକ୍ଷୀ ଅଧୀକ୍ଷକଙ୍କ ସମେତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ପୂର୍ବରୁ ଅନୁରୋଧ କରାଯାଇଥିଲା। କିନ୍ତୁ ଆଶାତୀତ ଫଳ ନ ମିଳିବାରୁ ଗ୍ରାମବାସୀ ଅର୍ଣ୍ଣପାଳ-ରାଜମୁକୁନ୍ଦପୁର ରାସ୍ତାର କଚେରି ପଡ଼ିଆଠାରେ ରାସ୍ତାରୋକୋ କରିଥିଲେ। ସୂଚନା ଥାଉକି, କାର୍ଯ୍ୟରତ ପ୍ରଧାନଶିକ୍ଷକ ନିଷ୍ଠାପରଭାବେ ବିଦ୍ୟାଳୟର ଶୈକ୍ଷିକ ବାତାବରଣ ବଜାୟ ରଖିଥିବାରୁ ଗ୍ରାମବାସୀ, ଅଭିଭାବକ ଓ ଛାତ୍ରୀଛାତ୍ର ତାଙ୍କ ବଦଳିକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ଜଗନ୍ନାଥ କର, ସୁଜାତା ମହଲ, ପଦ୍ମନାଭ ସାହୁଙ୍କ ସମେତ ଶତାଧିକ ଗ୍ରାମବାସୀ ଧାରଣାରେ ସାମିଲ ଥିଲେ ।

**ODISHA JOINT ENTRANCE EXAMINATION - 2020 [ OJEE - 2020 ]**

**No: OJEE/296** **Date: 08.10.2020**

**NOTICE**

**Schedule of Medical Board for Physically Challenged (PC) Candidates of JEE MAIN Rank holders (paper1/ paper2), who wish to take part in the counselling process for B.Tech/ B.Arch/ Int. M.Sc. of OJEE 2020**

The **Physically Challenged** (PC) Category Candidates having JEE MAIN Rank (paper 1/paper 2), who are interested to take part in the counselling process for B.Tech., B.Arch. and Int. M.Sc. of OJEE 2020, are required to attend the **Medical Board at LT – II, SCB Medical College, Cuttack on 13-10-2020 and 14-10-2020.** Candidates are required to report for the Medical Board at **10.00 A.M.** and bring their **Admit Card/ Rank Card and Photo Identity Proof** to the Medical Board.

**Decision of Medical Board is final and binding. Admission to PC category will be made only as per the results of this Board.**

The proceedings of the Medical Board shall be conducted strictly following the COVID – 19 guidelines. Candidates must report at the Board with 3 ply cotton masks, gloves, personal sanitisers etc.

**Sd/-**
**CHAIRMAN, OJEE, ODISHA**

**ODISHA PUBLIC SERVICE COMMISSION**
**19, Dr. P.K. Parija Road, Cuttack-1**

**NOTICE**
**No.5210/PSC, Dt.7.X.20**

No.D-77:- It is for information of all concerned that, as per the provisions laid down at para-6 of the advertisement No.18 of 2019-20, the Commission have shortlisted the eligible candidates for certificate/document verification for recruitment to the post of Lecturer in the discipline of Environmental Science in Group-A of Odisha Education Service (College Branch), Pursuant to Advt. No.18 of 2019-20.

Hence, the candidates are advised to visit the website of the Commission at http://opsc.gov.in for detail information.

**Sd./- Secretary**
OIPR-12002/11/0038/2021

**ODISHA PUBLIC SERVICE COMMISSION**
**19, Dr. P.K. Parija Road, Cuttack-1**

**NOTICE**
**No.5222/PSC, Dt.7.X.20**

No.D-76:- It is for information of all concerned that, as per the provisions laid down at para-6 of the advertisement No.18 of 2019-20, the Commission have shortlisted the eligible candidates for certificate/document verification for recruitment to the post of Lecturer in the discipline of **English** in Group-A of Odisha Education Service (College Branch), Pursuant to Advt. No.18 of 2019-20.

Hence, the candidates are advised to visit the website of the Commission at http://opsc.gov.in for detail information.

**Sd./- Secretary**
OIPR-12002/11/0039/2021

**ODISHA CONSTRUCTION CORPORATION LTD.**
**(A Government of Odisha Undertaking)**
Regd. Office: Unit-VIII, Gopabandhu Nagar, Bhubaneswar-751012 (Odisha)
E-mail: theoccltd@odishaconstruction.com, Website: www.odishaconstruction.com

**ADVERTISEMENT**

**SPECIAL DRIVE FOR SCHEDULED TRIBE (ST) CANDIDATES**

Odisha Construction Corporation Limited, a state PSU invites applications from eligible **Scheduled Tribe (ST) candidates** for appointment of **3 (Three) Nos. of Accounts Clerk (Contract)** on contract basis with a consolidated remuneration of **Rs.9,000/- (Rupees Nine thousand) only per month.** The appointment is purely temporary in nature and terminable at anytime without assigning any reason thereof. Service contract may be renewed subject to satisfactory performance up to 6 (six) years. After satisfactory completion of 6(Six) years of contractual service, they may be inducted into regular cadre with the scale of pay in Level 5 at Cell - 1 of the Pay Matrix under ORSP Rules 2017. The selected candidates shall be posted to any unit of the Corporation located in the state of Odisha.

**Vacancy Position:**

| Category | Nos. of Post | Nos. of Post reserved for women |
|---|---|---|
| Schedule Tribe | 3 | 1 |

Details of advertisement and prescribed application format are available in the OCCL website : **www.odishaconstruction.com.**

**Sd/-**
**Managing Director**
**OCCL, Bhubaneswar**

## ଇଟାରେ ଆକ୍ରମଣ, ମହିଳା ମୃତ

କାମାକ୍ଷାନଗର, (ଡି.ଏନ.ଏ.)- କାମାକ୍ଷାନଗର ଥାନା ଭାଲୁମୁଣ୍ଡା ଗ୍ରାମର ସିନି ଚାତରଙ୍କୁ ଇଟାରେ ଆକ୍ରମଣ କରି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପିଲା କଳିକୁ କେନ୍ଦ୍ରକରି ଏପରି ହୋଇଥିବା ଜଣାପଡିଛି। ମୃତାଙ୍କ ସ୍ୱାମୀ କଇରା ଚାତର ଘରେ ନ ଥିବାବେଳେ ଘଟଣା ଘଟିଛି। ସେହି ଗ୍ରାମର କେତେଜଣ ଯୁବକ ଏପରି କରିଥିବା ମୃତାଙ୍କ ଝିଅ ପ୍ରକାଶ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି।

## ସଂକ୍ଷେପରେ

### ୧୭୧ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୮।୧୦:** ଅନୁଗୋଳ ଜିଲାରେ ଗୁରୁବାର ୧୭୧ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୫,୫୯୧ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ କଣିହାଁ ବ୍ଲକରୁ ୫୧ ଜଣ, ଅଁରପାଳ ବ୍ଲକରୁ ୩୬, ତାଳଚେର ପୌରାଞ୍ଚଳରୁ ୨୭, ଅନୁଗୋଳ ପୌରାଞ୍ଚଳରୁ ୨୦, ତାଳଚେର ବ୍ଲକରୁ ୧୩, ପାଲଲହଡ଼ା ବ୍ଲକରୁ ୮, ଛେଣ୍ଡିପଦା ବ୍ଲକରୁ ୬, କିଶୋରନଗର ବ୍ଲକରୁ ୫, ଆଠମଲ୍ଲିକ ବ୍ଲକରୁ ୩, ଅନୁଗୋଳ ବ୍ଲକରୁ ୨ ଜଣ ରହିଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୧୩୩ ଜଣ ସୁସ୍ଥ ହୋଇଛନ୍ତି।

### ୭୩ ଆକ୍ରାନ୍ତ, ୬୧ ସୁସ୍ଥ

**ଢେଙ୍କାନାଳ ଅଫିସ,୮।୧୦:** ଢେଙ୍କାନାଳ ଜିଲାରେ ଗୁରୁବାର ୭୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳରେ ୪୭, କାମାକ୍ଷାନଗର ବ୍ଲକରେ ୨, ସଦର ବ୍ଲକରେ ୩, ପରଜଙ୍ଗ ବ୍ଲକରେ ୫, ଓଡ଼ାପଡ଼ା ବ୍ଲକରେ ୨, ଭୁବନ ବ୍ଲକରେ ୨ ଓ ଏନ୍ଏସିରେ ୬, ହିନ୍ଦୋଳ ବ୍ଲକରେ ୪, ଗଁଦିଆ ବ୍ଲକରୁ ୨ଜଣ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତମାନଙ୍କୁ ଜିଲା କୋଭିଡ ହସ୍ପିଟାଲ ସମେତ ବିଭିନ୍ନ ବ୍ଲକରେ ଥିବା କେୟାର ସେଣ୍ଟରଗୁଡିକରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ସୁଦ୍ଧା ଜିଲାରେ ସମୁଦାୟ ଆକ୍ରାନ୍ତଙ୍କ ସଂଖ୍ୟା ୪,୨୩୦ରେ ପହଞ୍ଚିଛି। ସେହିପରି ଆଉ ୬୧ ଜଣଙ୍କୁ ମିଶାଇ ମୋଟ୍ ୩,୬୫୪ ସୁସ୍ଥ ହୋଇଛନ୍ତି।

### ରାଜପଥରୁ ଡକାୟତି

**କଣିହାଁ,୮।୧୦(ଡି.ଏନ.ଏ.):** ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନା ୧୪୯ ନଂ ଜାତୀୟ ରାଜପଥର ବୁରୁକୁନା ଛକ ନିକଟରେ ବୁଧବାର ରାତିରେ ଏକ ପିକ୍ଅପ ଭ୍ୟାନରୁ ୬୧ଟି ବ୍ୟାଟେରି ଡକାୟତି ହୋଇଛି। ଏକ ନମ୍ବର ବିହୀନ ବୋଲେରୋରେ କେତେଜଣ ଦୁର୍ବୃତ୍ତ ଆସି ଏହି ବ୍ୟାଟେରି ଲୁଟି ନେଇଛନ୍ତି। ଗାଡ଼ି ଚାଳକ ଶିବକୁମାର ମହାପାତ୍ରଙ୍କ ଅଭିଯୋଗ ପରେ ଗୁରୁବାର ନଂ. ୧୯୨/୨୦୨୦ରେ ସମଲ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନା ସୂତ୍ରରୁ ସୂଚନା ମିଳିଛି।

### ବିଦ୍ୟୁତ୍ ଆଘାତରେ ଜଣେ ମୃତ

**ଛେଣ୍ଡିପଦା, ୮।୧୦(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ନୂଆଗାଁ ପଞ୍ଚାୟତ ବଡସାହିରେ ଗୁରୁବାର ସକାଳେ ବିଦ୍ୟୁତ୍ ଆଘାତରେ ବିଧାନ ସାହୁ (୫୨)ଙ୍କ ମୃତ୍ୟୁ ହୋଇଛି। ବିଧାନ ତାଙ୍କ ବଗିଚାରେ ପମ୍ପ ଦ୍ୱାରା ପାଣି ମଡାଇବା ପାଇଁ ଯାଇଥିବାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ କୁହାଯାଇଛି। ଏ ନେଇ ଛେଣ୍ଡିପଦା ଥାନାରେ କୌଣସି ଅଭିଯୋଗ ହୋଇନହିଁ।

### ବ୍ୟାଗ୍‌ରୁ ବାହାରିଲା ୨୮ କିଲୋ ଗଞ୍ଜେଇ

**ଅନୁଗୋଳ ଅଫିସ, ୮।୧୦:** ଅନୁଗୋଳ ବସ୍‌ଷ୍ଟାଣ୍ଡରୁ ବୁଧବାର ସନ୍ଧ୍ୟାରେ କଲିକତା ଯାଉଥିବା ଏକ ବସ୍‌ରୁ ୩ ଗଞ୍ଜେଇ ଭର୍ତ୍ତି ବ୍ୟାଗ୍ ଜବତ ହୋଇଥିଲା। ସେହି ବ୍ୟାଗ୍‌ରୁ ମୋଟ୍ ୨୮.୫ କେଜି ଗଞ୍ଜେଇ ଜବତ ହୋଇଥିବା ଜଣାପଡିଛି। ଏ ନେଇ ଏକ ମାମଲା ରୁଜୁ ହୋଇଥିବା ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି। ଫେରାର ୩ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଚାଲିଛି। ଅନୁଗୋଳ ଥାନା ଏସ୍ଆଇ ସତ୍ୟ ରଞ୍ଜନ ଲେଙ୍କା ମାମଲାର ତଦନ୍ତ କରୁଥିବା ଥାନା ପକ୍ଷରୁ କୁହାଯାଇଛି।

### ପାଉଁଶ ଗାଡ଼ି ଧକ୍କାରେ ଶ୍ରମିକ ମୃତ, ଉତ୍ତେଜନା

**କଣିହାଁ, ୮।୧୦(ଡି.ଏନ.ଏ.):** ତାଳଚେର-କଣିହାଁ ଦେଇ ଯାଇଥିବା ୫୩ ନଂ. ଜାତୀୟ ରାଜପଥର ନୂଆ ବଲଣ୍ଡା ଗ୍ରାମ ନିକଟ ଏକ ପାଉଁଶ ଇଟା ଫ୍ୟାକ୍ଟ୍ରି ପାଖରେ ଗୁରୁବାର ରାତିରେ ପାଉଁଶ ଗାଡ଼ି ଧକ୍କାରେ ଜଣକ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ଜଣାପଡି ନ ଥିବାବେଳେ ସେ ସ୍ଥାନୀୟ ଇଟା ଫ୍ୟାକ୍ଟ୍ରିରେ ମଜୁରିଆ ଭାବେ କାମ କରୁଥିଲେ। ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍(ନଂ. ଓଡି ୧୯ ଏମ୍ ୩୬୯୦)କୁ ଆନ୍ଦୋଳନକାରୀ ଅଟକ ରଖିଛନ୍ତି। ଗୋଡିବନ୍ଧ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରୁଛନ୍ତି। ତୁରନ୍ତ ମୃତକଙ୍କ ପରିବାରକୁ କ୍ଷତିପୂରଣ, ରାସ୍ତା ମରାମତି, ଭାରିଯାନ ଚଳାଚଳର ଗତି ଉପରେ କଟକଣା ଆଦି ଦାବି ନେଇ ଖବର ଲେଖା ହେବା ସୁଦ୍ଧା ସ୍ଥାନୀୟ ଲୋକେ ଆନ୍ଦୋଳନ ଜାରି ରଖିଛନ୍ତି।

# ଖାଦ୍ୟ ନାଁରେ ଚାଲିଛି ରୋଗ ବିକ୍ରି

**ଅନୁଗୋଳ ଅଫିସ, ୮।୧୦**



- ଗ୍ରାହକଙ୍କୁ ପରଷା ଯାଉଛି ନିମ୍ନମାନର ଖାଦ୍ୟ
- କରୋନା କାଳରେ ଠକୁଛନ୍ତି ବ୍ୟବସାୟୀ
- ଚଢ଼ାଉ ନ କରି ଚୁପ୍ ବସିଛନ୍ତି ଜନସ୍ୱାସ୍ଥ୍ୟ ଅଧିକାରୀ

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି କିଛି ମାସ ଧରି ହୋଟେଲ, ଜଳଖିଆ ଦୋକାନ, ଫାଷ୍ଟଫୁଡ ଓ ବିଭିନ୍ନ ଚଟ୍‌ପଟା ଖାଦ୍ୟ ବିକ୍ରି ଉପରେ କଟକଣା ଲଗାଯାଇଥିଲା। ସରକାର କୋଭିଡ୍ ନିୟମାବଳୀରେ କୋହଳ କରିବା ପରେ ଏସବୁ ବ୍ୟବସାୟକୁ ଅନୁମତି ମିଳିଛି। ଫଳରେ ଅନୁଗୋଳ ସହରର ଗଳିକନ୍ଦିରେ ଥିବା ବିଭିନ୍ନ ଚାଳିଆ ହୋଟେଲ ସହ ଜଳଖିଆ ଓ ଫାଷ୍ଟଫୁଡ୍ ଦୋକାନୀ ପୂର୍ବପରି ବେପାର ଆରମ୍ଭ କରିଛନ୍ତି। କିନ୍ତୁ ପଜିଟିଭ୍ ସଂଖ୍ୟା ବଢୁଥିବାରୁ ସହରରେ ବେପାର ସେପରି ହେଉନାହିଁ। ଦୈନିକ ପ୍ରସ୍ତୁତ ଖାଦ୍ୟ ଅନେକ ସମୟରେ ବଳକା ରହିଯାଉଛି। ପରଦିନ ଏହାକୁ ଡଷ୍ଟବିନ୍‌ରେ ଫିଙ୍ଗିଦେବା ପରିବର୍ତ୍ତେ କେତେଜଣ ଲାଭଖୋର ବ୍ୟବସାୟୀ ଗରମ କରି ଗ୍ରାହକଙ୍କୁ ପରଷି ଦେଉଥିବା ଅଭିଯୋଗ ହେଉଛି। ବିଶେଷକରି ପାର୍ସଲ ନେଉଥିବା ଗ୍ରାହକମାନଙ୍କୁ ଟାର୍ଗେଟ୍ କରାଯାଉଥିବା କୁହାଯାଉଛି। ଏସବୁ ଖାଦ୍ୟର ମାନ ଯାଞ୍ଚ କରିବା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟ ହୋଇଥିଲେ ବି ବିଭାଗୀୟ କର୍ତ୍ତୃପକ୍ଷ ଚୁପ୍ ବସିପଡୁଥିବାରୁ ଟଙ୍କା ଦେଇ ଲୋକେ ଖାଦ୍ୟ ନାଁରେ ରୋଗ କଣୁଥିବା ଅଭିଯୋଗ କରୁଛନ୍ତି।

କରୋନା ସମୟରେ ଭିଟାମିନଯୁକ୍ତ ଖାଦ୍ୟ ଜରୁରୀ। ତେଣୁ ତାଜା ଓ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ପାଇଁ ଦୈନିକ ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଉଛି। କିନ୍ତୁ ଅନୁଗୋଳରେ କରୋନା ସଂକ୍ରମଣ ବଢୁଥିଲେ ମଧ ସହରରେ ବିକ୍ରି ହେଉଥିବା ଭଳିକି ଭଳି ପାଟି ସୁଆଦିଆ ଖାଦ୍ୟର ମାନ ଯାଞ୍ଚ କରାଯାଉ ନାହିଁ। ଅନ୍ୟପକ୍ଷରେ ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ବେଳେ ମାସ ମାସ ଧରି ଘରେ ରହିଥିବା ସହରବାସୀ ଏବେ ବଜାର ଆସି ଖୋଲାମେଲାରେ ମିଳୁଥିବା ଖାଦ୍ୟ ଖାଇବାକୁ ବେଶ୍ ଆଗ୍ରହୀ ହୋଇପଡ଼ିଥିବା ଦେଖାଯାଉଛି। ଏହାର ସୁଯୋଗ ନେଉଛନ୍ତି ଏପରି କେତେଜଣ ଲାଭଖୋର ବ୍ୟବସାୟୀ। କିଏ ବଳି ପଡୁଥିବା ଖାଦ୍ୟକୁ ଗରମ କରି ଗରାଖଙ୍କୁ ବଢ଼ାଇ ଦେଉଛନ୍ତି ତ ପୁଣି କିଏ ତେଲଭାଜିକୁ ଆଉଥରେ ଛାଣି ବିକ୍ରି କରୁଛନ୍ତି। ନିମ୍ନମାନର ଚଟ୍‌ପଟା ଖାଦ୍ୟ ସହ ବହୁ ଚାଳିଆ ହୋଟେଲରେ ବାସୀ ଖାଦ୍ୟ ପାର୍ସଲ କରାଯାଉଥିବା ଅଭିଯୋଗ ମଧ ହେଉଛି। ଜିଲା ମୁଖ୍ୟ ଚିକିତ୍ସାଳୟ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ନୀରବତା କାରଣରୁ ଏପରି ହେଉଥିବା ସହରବାସୀ କହିଛନ୍ତି। ଏ ନେଇ ଜନସ୍ୱାସ୍ଥ୍ୟ ଅଧିକାରୀ ହରପ୍ରିୟା ବେହେରା କହିଛନ୍ତି, ବିଭିନ୍ନ ସମୟରେ ଚଢ଼ାଉ ହେଉଛି। ନିମ୍ନ ମାନର ଖାଦ୍ୟ ଯେଉଁଠି ମିଳୁଛି, ସେଠାରୁ ଜରିମାନା ଆଦାୟ କରାଯାଉଛି।

### ଠିକ୍ ଭାବେ ମାନ ପରଖାଯାଉନି



ଖାଦ୍ୟର ମାନ ଠିକ୍ ଭାବେ ପରଖା ଯାଉନି। ବହୁ ଦୋକାନୀ ବାସି ଖାଦ୍ୟ ଲୋକଙ୍କୁ ଦେଉଛନ୍ତି। ଏ ନେଇ ଅଭିଯୋଗ କଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି। କରୋନା ମୁକାବିଲାରେ ସମସ୍ତେ ବ୍ୟସ୍ତ ଥିବା କହି ଅଭିଯୋଗକୁ ଟାଳି ଦେଉଛନ୍ତି।

-ସୁନୀଲ ଦାଶ, ସହରବାସୀ

### କେବେ ଚେତିବ ପ୍ରଶାସନ



ବଜାରରେ ମିଳୁଥିବା ବହୁ ଖାଦ୍ୟ ନିମ୍ନମାନର। ହେଲେ ଏ ନେଇ ତତ୍ପର ହେବା ପରିବର୍ତ୍ତେ ସ୍ଥାଣୁ ପାଲଟିଛି ଜନସ୍ୱାସ୍ଥ୍ୟ ବିଭାଗ। ଫଳରେ ଲୋକମାନେ କେଉଁ ପ୍ରକାର ଖାଦ୍ୟ ଖାଉଛନ୍ତି ତାହା ଜାଣିପାରୁ ନାହାନ୍ତି। ଆଉ କେମିତି ସଂକଟ ଆସିଲେ ପ୍ରଶାସନ ଚେତିବ କେଜାଣି।

-ଜୟନ୍ତ କର, ସହରବାସୀ

### ଗୁରୁତ୍ୱ ଦେଉନି ସ୍ୱାସ୍ଥ୍ୟ ବିଭାଗ



କରୋନା ସଂକ୍ରମଣରୁ ବର୍ତ୍ତିବା ପାଇଁ ଲୋକେ ଉତ୍ତମ ଖାଦ୍ୟ ଉପରେ ଗୁରୁତ୍ୱ ଦେଉଛନ୍ତି। ହେଲେ ବଜାରରେ ଯେଉଁ ଖାଦ୍ୟ ବିକ୍ରି ହେଉଛି ତାହା ଖାଇବା ଯୋଗ୍ୟ କି ନୁହେଁ ସେ ନେଇ ଜନସ୍ୱାସ୍ଥ୍ୟ ଅଧିକାରୀ ଚିନ୍ତିତ ଥିବାପରି ମନେହେଉନି।

-ପ୍ରତାପ ମହାପାତ୍ର, ସହରବାସୀ

### ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯିବ



ଖାଦ୍ୟର ମାନ ପରଖିବା ଦାୟିତ୍ୱ ଜନସ୍ୱାସ୍ଥ୍ୟ ବିଭାଗର। ତଥାପି ସହରରେ ରୁଟିନ୍ ଚେକିଂ କରାଯାଉଛି। ନିୟମିତ ଭାବେ ଯେପରି ଖାଦ୍ୟର ମାନ ପରୀକ୍ଷା କରାଯିବ ସେ ନେଇ ଜନସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯିବ।

-ଡାକ୍ତର ଅଭୟ କୁମାର ଦାସ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ

### ବାସି ଖାଦ୍ୟ ପରଷାଯାଉଛି



ସହରର ବିଭିନ୍ନ ସ୍ଥାନରେ ଛୋଟ ଛୋଟ ହୋଟେଲ ରହିଛି। ଫାଷ୍ଟଫୁଡ୍, ଚଟ୍‌ପଟା ଖାଦ୍ୟ ମଧ ବିକ୍ରି ହେଉଛି। ଏହାର ମାନ ପରୀକ୍ଷା ହେଉ ନ ଥିବାରୁ ଅଧିକାଂଶ ସମୟରେ ବ୍ୟବସାୟୀମାନେ ବାସି ଖାଦ୍ୟକୁ ଗରମ କରି ଗ୍ରାହକଙ୍କୁ ପରଷି ଦେଉଛନ୍ତି।

-ପ୍ରଦ୍ୟୁମ୍ନ ସାହୁ, ସହରବାସୀ

### କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ



ସହରରେ ନିମ୍ନମାନର ତଥା ବାସି ଖାଦ୍ୟ ବିକ୍ରି କରାଯିବା ଉଦ୍‌ବେଗର ବିଷୟ। ଏ ନେଇ ପ୍ରତିକାର କରିବାକୁ ଜନସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯିବ। ଯେଉଁ ବ୍ୟବସାୟୀ ଏପରି କରୁଥିବା ପ୍ରମାଣ ମିଳିବ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

-ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ, ଅନୁଗୋଳ

## ଉଷ୍ମ ପ୍ରସ୍ରବଣର ଉନ୍ନତି ନିର୍ଦ୍ଦେଶ

**ଛେଣ୍ଡିପଦା, ୮।୧୦(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକକୁ ଗୁରୁବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ଉଷ୍ମ ପ୍ରସ୍ରବଣସ୍ଥଳ ବୁଲିବା ସହ ପାତ୍ରପଡାର ଅଧିଷ୍ଠାତ୍ରୀ ଦେବୀ ମା' ବାୟାଣୀଙ୍କ ଦର୍ଶନ କରିଥିଲେ। ବ୍ଲକ ଅଧକ୍ଷ ଅଶୋକ କୁମାର ପ୍ରଧାନ, ବିଡିଓ ବିଶ୍ୱଜିତ ସାହୁ, ତହସିଲଦାର ଡାନିଏଲ ଏକ୍କା ପ୍ରମୁଖ ଜିଲାପାଳଙ୍କ ସହ ଉପସ୍ଥିତ ଥିଲେ। ଛେଣ୍ଡିପଦାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଆବାସ ଯୋଜନା, ଅର୍ଥ କମିଶନରୁ ଆସୁଥିବା ଅନୁଦାନ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ବିଭିନ୍ନ ଯୋଜନାଗୁଡିକର କାର୍ଯ୍ୟକାରିତା ସମ୍ପର୍କରେ ଜିଲାପାଳ ସମୀକ୍ଷା କରିଥିଲେ। ପରେ ଚାଙ୍ଗୁଡିଆ ପଞ୍ଚାୟତ ବଡବେରେଣା ଗସ୍ତକରି ମା' ଝାରୀବୁଢ଼ିଙ୍କ ଦର୍ଶନ କରିବା ସହିତ ଉଷ୍ମ ପ୍ରସ୍ରବଣ ଅଞ୍ଚଳ ବୁଲି ଦେଖିଥିଲେ। ଏହାର ଉନ୍ନତୀକରଣ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ପର୍ଯ୍ୟଟନ ବିଭାଗ ସହ ଆଲୋଚନା କରି ଏହାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କହିଥିଲେ। ଏହାପରେ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଦେଖିବା ସହ ଡାକ୍ତର ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ତୁରନ୍ତ ସେଠାରେ ଜଣେ ସ୍ଥାୟୀ ଡାକ୍ତରଙ୍କୁ ନିଯୁକ୍ତି ଦେବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

# କୋଭିଡ୍ ହସ୍ପିଟାଲରୁ ରୋଗୀ ନିଖୋଜ

**ଅନୁଗୋଳ ଅଫିସ, ୮।୧୦**

- ଫାଟକରେ ତାଲା ପକାଇଲେ ପରିବାର
- ଏଣିକି ଘରେ ଛାଡ଼ିବାକୁ ଯିବ ଆମ୍ବୁଲାନ୍ସ-ଜିଲାପାଳ

ଅନୁଗୋଳ ଜିଲା ତାଳଚେରସ୍ଥିତ କୋଭିଡ୍ ହସ୍ପିଟାଲରୁ ଜଣେ ରୋଗୀ ନିଖୋଜ ହୋଇଯାଇଥିବା ଜଣାପଡିଛି। ଏ ନେଇ ହସ୍ପିଟାଲ ପରିସରରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଖୋଜାଖୋଜି ପରେ ରୋଗୀଙ୍କ ପତ୍ତା ନ ମିଳିବାରୁ ପରିବାର ଓ ଗାଁ ଲୋକେ ଡାକ୍ତରଖାନା ମୁଖ୍ୟ ଫାଟକରେ ତାଲା ପକାଇଦେଇଥିଲେ।

ଘଟଣାରୁ ପ୍ରକାଶ, ତାଳଚେର ଘଣ୍ଟପଡା ଅଞ୍ଚଳର ଜଣେ ୭୦ ବର୍ଷୀୟ ବ୍ୟକ୍ତି କରୋନାରେ ଆକ୍ରାନ୍ତ ହୋଇ ଗତ ୩୦ ତାରିଖରେ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ବୁଧବାର ସେ ସୁସ୍ଥ ହୋଇଯାଇଥିବା ନେଇ ତାଙ୍କ ପୁଅଙ୍କ ପାଖକୁ ଫୋନ ଯାଇଥିଲା। ପୁଅ ଡାକ୍ତରଖାନାକୁ ଆସିବା ପରେ ମେଡିକାଲ ପକ୍ଷରୁ ଡିସଚାର୍ଜ କାଗଜ ଦିଆଯାଇ ଅପେକ୍ଷା କରିବାକୁ କୁହା ଯାଇଥିଲା। ରାତି ପର୍ଯ୍ୟନ୍ତ ବି ବାପା ଡିସ୍‌ଚାର୍ଜ ନ ହେବାରୁ ପୁଅ କର୍ତ୍ତୃପକ୍ଷଙ୍କୁ ଫୋନ୍ କରିଥିଲେ। ଗୁରୁବାର ବାପାଙ୍କ ଫଟୋ ସାଙ୍ଗରେ ଆଣି ଆସିବାକୁ ହସ୍ପିଟାଲ ପକ୍ଷରୁ କୁହାଯାଇଥିବା ତାଙ୍କ ପୁଅ ପ୍ରକାଶ କରିଛନ୍ତି। ଖୋଜାଖୋଜି ପରେ ଡାକ୍ତରଖାନାରେ ବ୍ୟକ୍ତି ଜଣକ ନ ଥିବା ଜାଣି ପରିବାର ଓ ଗାଁ ଲୋକ ସେଠାରେ ଠୁଳ ହେବା ସହ ମୁଖ୍ୟ ଫଟକରେ ତାଲା ପକାଇଥିଲେ। ପୋଲିସ ଓ ତାଳଚେର ଉପଜିଲାପାଳ ଆସି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ନିଖୋଜ ବ୍ୟକ୍ତିଙ୍କ ପୁଅ ତାଳଚେର ଥାନାରେ ଲିଖିତ ଅଭିଯୋଗ କରିବା ପରେ ମାମଲା ରୁଜୁ ହୋଇଛି। ଘଟଣା ସମ୍ପର୍କରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ସମ୍ପୃକ୍ତ ବ୍ୟକ୍ତିଙ୍କ ପତ୍ତା ମିଳିନାହିଁ। ଏହାର ତଦନ୍ତ ଚାଲିଛି। ଏହାପରେ କୋଭିଡ୍ ହସ୍ପିଟାଲର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏଣିକି ଯେଉଁମାନେ ହସ୍ପିଟାଲରୁ ଡିସଚାର୍ଜ ହେବେ ସେମାନଙ୍କୁ ଆମ୍ବୁଲାନ୍ସରେ ଘରେ ଛଡ଼ାଯିବ। ଏହି ନିୟମ ଶୁକ୍ରବାର ଠାରୁ କଡ଼ାକଡ଼ି ଭାବେ ପାଳନ କରାଯିବ ବୋଲି ଜିଲାପାଳ କହିଛନ୍ତି।



ମୁଖ୍ୟ ଫାଟକ ନିକଟରେ ଉତ୍ତେଜନା।

## ସ୍ତ୍ରୀଙ୍କ ଆକ୍ରମଣରେ ସ୍ୱାମୀଙ୍କ ମୃତ୍ୟୁ ଅଭିଯୋଗ

**କାମାକ୍ଷାନଗର, ୮।୧୦(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଆମ୍ବପଳାସ ଗ୍ରାମରେ ବୁଧବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଶାନ୍ତି ସାହୁ ଓରଫ ଖୁଲଣାଙ୍କ ଆକ୍ରମଣରେ ତାଙ୍କ ସ୍ୱାମୀ ଦୁଷ୍ମନ୍ତ ସାହୁ(୩୫)ଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ପାରିବାରିକ କଳହକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଖୁଲଣା ଏକ ଧାରୁଆ ଅସ୍ତ୍ରରେ ଦୁଷ୍ମନ୍ତଙ୍କୁ ଆକ୍ରମଣ କରିଥିଲେ। ପରିବାର ଲୋକେ ସଙ୍ଗେ ସଙ୍ଗେ ଦୁଷ୍ମନ୍ତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ପରଜଙ୍ଗ ପୋଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ କରିଛନ୍ତି। ଅଭିଯୁକ୍ତ ଖୁଲଣାଙ୍କୁ ଅଟକ ରଖି ପୋଲିସ ପଚରାଉଚରା ଚଳାଇଛି।

## ବ୍ଲକ ଘେରାଉ, ବିକ୍ଷୋଭ




ଏସ୍‌ୟୁସିଆଇ ପକ୍ଷରୁ କିଶୋରନଗର ବ୍ଲକ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

**ବଲଣ୍ଡା, ୮।୧୦(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଅଞ୍ଚଳରେ ବିଭିନ୍ନ ସମସ୍ୟା ଲାଗି ରହିଥିବାବେଳେ ଏହାର ସମାଧାନ ପାଇଁ ଏସ୍‌ୟୁସିଆଇ ପକ୍ଷରୁ ଦାବି ହୋଇଛି। ଏ ନେଇ ଗୁରୁବାର ସଙ୍ଗଠନ କର୍ମକର୍ତ୍ତାମାନେ ବ୍ଲକ ଘେରାଉ କରି ବିକ୍ଷୋଭ କରିଛନ୍ତି। ଏ ବାବଦରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ପ୍ରଦାନ କରାଯାଇଛି। ଘନଘନ ବିଦ୍ୟୁତ୍ କାଟରେ ରୋକ ଲଗାଯିବା, ବିଦ୍ୟୁତ୍ ସେବାର ଘରୋଇକରଣ ବନ୍ଦ, ନୂଆ ମିଟର ବସାଇ ଉପଭୋକ୍ତାଙ୍କୁ ଶୋଷଣ କରା ନ ଯିବା, କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭେଷଜ, ଶିଶୁ, ସ୍ତ୍ରୀ ଓ ପ୍ରସୂତି, ଅସ୍ଥିସଲ୍ୟ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ସହ ଆବଶ୍ୟକ ନର୍ସ, କର୍ମଚାରୀ ପଦବୀ ପୂରଣ, କରୋନା ସଂକ୍ରମଣ ରୋକିବାକୁ ଅଧିକ ସଂଖ୍ୟାରେ ବିଶୋଧନ କରାଯିବା ଆଦି ଦାବି ନେଇ ସଙ୍ଗଠନର ତୀର୍ଥବାସୀ ଭୋଇ, ରମଣୀ ରଞ୍ଜନ ପ୍ରଧାନ, କେଶବ ସାହୁ, ସରୋଜିନୀ ନାୟକ, ରବି ନାରାୟଣ ବାରିକ, ବାବାଜି ଚରଣ ପ୍ରଧାନ, ରମେଶ ଲୁହା, ଉମେଶ ମୁଣ୍ଡା ପ୍ରମୁଖ ବିକ୍ଷୋଭ କରିଥିଲେ।

## ସୁଯୋଗ ଆଣିବ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ

**ଢେଙ୍କାନାଳ ଅଫିସ,୮।୧୦**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ କମ୍ପ୍ୟୁଟର ବିଜ୍ଞାନ ପକ୍ଷରୁ ବୁଧବାର ଏକ ଜାତୀୟସ୍ତରୀୟ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଭର୍ଚୁଆଲ କାର୍ଯ୍ୟକ୍ରମରେ କଲେଜ ଅଧକ୍ଷା ରଶ୍ମୀ ମିଶ୍ର ଅଧକ୍ଷତା କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ବିଭାଗ ପ୍ରଫେସର ଡ. ମାନସ ରଞ୍ଜନ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆଗାମୀ ଭବିଷ୍ୟତରେ କିଭଳି ନୂଆ ସୁଯୋଗ ସୃଷ୍ଟି କରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ନିଟ୍ ରାଉରକେଲାର କମ୍ପ୍ୟୁଟର ବିଜ୍ଞାନ ଓ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ଡ. ଅନୁପ ନନ୍ଦି, ଗୋଆ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ପ୍ରଫେସର ଡ. ଅନୁପ କୁମାର ମୌରିଆ ପ୍ରମୁଖ ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍ ଭଳି ଜଟିଳ ତଥ୍ୟ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ। କଲେଜ କମ୍ପ୍ୟୁଟର ବିଜ୍ଞାନ ମୁଖ୍ୟ ଦିଲୀପ କୁମାର ନାୟକଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ରଜନୀକାନ୍ତ ଖୁଣ୍ଟିଆ ଧନ୍ୟବାଦ ପ୍ରଦାନ କରିଥିଲେ। ଡ. ଦେବାଶିଷ ମହାନ୍ତି ସହଯୋଗ କରିଥିଲେ।

## ଚିକିତ୍ସା ନ ପାଇ ଅସହାୟଙ୍କ ମୃତ୍ୟୁ

**ଭୁବନ,୮।୧୦(ଡି.ଏନ.ଏ)**

ଢେଙ୍କାନାଳ ଜିଲା ଭୁବନ ଏନ୍ଏସି ୧୧ନଂ ୱାର୍ଡ ଲତାବିଲ ଅଞ୍ଚଳର ରବି ନାରାୟଣ ମେହେଣା(୫୨)ଙ୍କ ଚିକିତ୍ସା ଅଭାବରୁ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏ ନେଇ ଭୁବନ ପୋଲିସ ନଂ.୧୯/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ରବି ଦୀର୍ଘଦିନ ହେବ ବାସହରା ହୋଇ ଭୁବନ ପୁରୁଣା କୋର୍ଟ ପରିସରରେ ଥିବା ଏକ ଭଙ୍ଗାଘରେ ଆଶ୍ରୟ ନେଉଥିଲେ। ସେ ମାଗିଯାଚି ପରିବାର ଚଳାଉଥିଲେ। ପ୍ରାୟ ୧୫ ଦିନ ହେବ ତାଙ୍କ ଦେହ ଅସୁସ୍ଥ ହୋଇ ପଡ଼ିଥିଲା। ହେଲେ ଅର୍ଥ ଅଭାବରୁ ସେ ନିଜର ଚିକିତ୍ସା କରି ନ ପାରି ସେଠାରେ ହିଁ ପଡି ରହିଥିଲେ। ଗୁରୁବାର ତାଙ୍କର ମୃତ୍ୟୁ ଘଟିଥିଲା। ଭୁବନ ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ରବିଙ୍କ ଦୁଇ ଝିଅ ଥିବାବେଳେ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇଦେବାକୁ ସ୍ତ୍ରୀ ମମତା ନିବେଦନ କରିଛନ୍ତି।

# କଟକଣା ନ ମାନିଲେ କଠୋର କାର୍ଯ୍ୟାନୁଷ୍ଠାନ

- କରୋନା ସ୍ଥିତି ସମୀକ୍ଷା କଲେ ଜିଲାପାଳ
- ସାପ୍ତାହିକ ରିପୋର୍ଟ ଦେବେ ବିଡିଓ, ଥାନା ଅଧିକାରୀ
- ପ୍ଲାଜ୍‌ମା ଦାନ ପାଇଁ ଉତ୍ସାହିତ କରିବାକୁ ପରାମର୍ଶ

**ଢେଙ୍କାନାଳ ଅଫିସ,୮।୧୦**




କରୋନା ସ୍ଥିତି ସମ୍ପର୍କରେ ସମୀକ୍ଷା କରୁଛନ୍ତି ଜିଲାପାଳ।

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଓସ୍ୱାନ ଭିଡିଓ କନଫରେନ୍ସିଂ ହଲରେ ବୁଧବାର ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କରୋନା ସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ। ଭିଡିଓ କନଫରେନ୍ସ ମାଧ୍ୟମରେ ଜିଲାପାଳ ସମସ୍ତ ଉପଜିଲାପାଳ, ଏସ୍‌ଡିପିଓ, ତହସିଲଦାର, ବିଡିଓ, ପୌରାଞ୍ଚଳ ଓ ଏନ୍ଏସି ନିର୍ବାହୀ ଅଧିକାରୀ ଏବଂ ସିଡିପିଓଙ୍କ ସହ ଆଲୋଚନା କରିଥିଲେ। କଟକଣା ନ ମାନି ବିନା ଅନୁମତିରେ ଖେଳକୁଦ, ଜନ ସମାଗମ, ଉତ୍ସବ ଆଦି ଆୟୋଜନ କରୁଥିବା ବ୍ୟକ୍ତି କିମ୍ବା ଅନୁଷ୍ଠାନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହିତ ଜରିମାନା ଆଦାୟ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

ବୈଠକରେ ଜିଲାପାଳ କହିଥିଲେ ଯେ, ସାମାଜିକ ଦୂରତ୍ୱ, ମାସ୍କ ପରିଧାନ ଓ କୋଭିଡ୍-୧୯ ନିୟମ ଅନୁପାଳନର ତଦାରଖ କରି ବିଡିଓ, ତହସିଲଦାର ଓ ଥାନା ଅଧିକାରୀମାନେ ନିର୍ଦ୍ଧାରିତ ଫର୍ମରେ ସାପ୍ତାହିକ ରିପୋର୍ଟ ଜିଲା କାର୍ଯ୍ୟାଳୟକୁ ପଠାଇବେ। ହୋମ୍ କ୍ୱାରାଣ୍ଟାଇନରେ ଥିବା ଆକ୍ରାନ୍ତମାନେ ବାହାରେ ବୁଲାବୁଲି କିମ୍ବା ମିଳାମିଶା କଲେ ସେମାନଙ୍କୁ କୋଭିଡ୍ କେୟାର କେନ୍ଦ୍ରକୁ ପଠାଯିବ। ଯେଉଁମାନେ କ୍ୱାରାଣ୍ଟାଇନ ନିୟମ ପାଳନ କରୁଛନ୍ତି ସେମାନଙ୍କ ସହିତ ନିୟମିତ ଯୋଗାଯୋଗ କରି ସ୍ୱାସ୍ଥ୍ୟକର୍ମୀମାନେ ସ୍ୱାସ୍ଥ୍ୟର ଯାଞ୍ଚ କରିବେ। ସମସ୍ତ କୋଭିଡ୍ କେୟାର ସେଣ୍ଟର ହେଲ୍‌ପ ଡେସ୍କ ନିୟମିତ ଖୋଲା ରଖିବା ସହ ଠିକ୍ ପରିଚାଳନା କରାଯିବ। ଆଣ୍ଟିଜେନ୍ ଟେଷ୍ଟର ସମୟ ଓ ସ୍ଥାନ ସମ୍ପର୍କରେ ସମ୍ପୃକ୍ତ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଜନସାଧାରଣଙ୍କୁ ସୂଚନା ପ୍ରଦାନ କରାଯିବ। ଚିହ୍ନଟ ଆକ୍ରାନ୍ତଙ୍କୁ ଘରୁ ଗାଡିରେ ଆଣି ସଙ୍ଗରୋଧ କେନ୍ଦ୍ରରେ ରଖାଯିବାର ବ୍ୟବସ୍ଥା କରାଯିବ। ପ୍ଲାଜମା ଥେରାପି ଆକ୍ରାନ୍ତଙ୍କ ଜୀବନ ରକ୍ଷାରେ ବିଶେଷ ଫଳପ୍ରଦ ହେଉଥିବା ଯୋଗୁ ସୁସ୍ଥ ହୋଇ ଫେରିଥିବା ବ୍ୟକ୍ତିମାନେ ଯେପରି ପ୍ଲାଜମା ଦାନ କରିବେ ସେଥିପାଇଁ ସେମାନଙ୍କୁ ଉତ୍ସାହିତ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ଭିସିରେ ଅତିରିକ୍ତ ଜିଲାପାଳ ସୌଦାମିନୀ ସେଠୀ, ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ରଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

